# ୧. ପୋଦିନା

**ଉଦ୍ଭିଦ ପରିଚୟ:**

ଏହା ଏକ ବହୁବର୍ଷିୟ ଉଦ୍ଭିଦ,  ଏହାର ଉଚତା ୧ ଫୁଟ ରୁ ୨ ଫୁଟ ପର୍ଯ୍ୟନ୍ତ ହୋଇଥାଏ ପତ୍ର ଗୁଡିକ ଛୋଟ ଛୋଟ ଅଣ୍ଡାକୃତିର | ଏହା ସାଧାରଣତ୍ଵ ଘରବାଡିରେ ଦେଖିବାକୁ ମିଳିଥାଏ | ଏହା ସମସ୍ତ ପ୍ରକାର ପେଟ ରୋଗ ନିରାକରଣ ନିମନ୍ତେ ବ୍ୟବହାର କରାଯାଏ |

ଏହାର ବୈଜ୍ଞାନିକ ନାମ - *Mentha piperita*

ବେଙ୍ଗଲୀ ନାମ -	ପୁଦିନା

ହିନ୍ଦୀ ନାମ -	ପୁଦିନା

ସଂସ୍କୃତ ନାମ-	ପୁଦିନା

**ଚାଷ ପ୍ରଣାଳୀ:**

**ଜଳବାୟୁ ଓ ମୃର୍ତ୍ତିକା**

ଉଷ୍ଣ-ଆଦ୍ର ଜଳବାୟୁ ରେ ଏହାର ଚାଷ ଉତ୍ତମ ହୋଇଥାଏ , କାରଣ ଅଧିକ ତାପମାତ୍ରା ଦ୍ଵାରା ପତ୍ର ରେ ତୈଳ ର ପରିମାଣ ଅଧିକ ହୋଇଥାଏ, ଏଥିନିମିତ୍ତ ଏହାର ଚାଷ କମ ବର୍ଷା ହେଉଥିବା ଅଂଚଳରେ କରାଯାଏ | ନିଗିଡ଼ା ବାଲିଆ ଦୋରସା ମାଟି ରେ ଏହାର ଚାଷ ଭଲ ହୋଇଥାଏ | ମୃର୍ତ୍ତିକା ର ପି ଏଚ ୬.୫ ରୁ ୭.୫ ପି ଏଚ ପର୍ଯ୍ୟନ୍ତ ଏହାର ଚାଷ ନିମନ୍ତେ ଉତ୍ତମ |

ମଞ୍ଜି ର କିଷମ

ବହୁ କିଷମ ର ପୋଦିନା ମଞ୍ଜି ବଜ଼ାର ରେ ଉପଲବ୍ଧ ଯଥା - ମାସ -୧, ହେଇବ୍ରିଡ଼ -୭୭, ଶିବଲିକ, ଏଇ  ସି -୪୧୯୧୧, ଗୋମତୀ, ହିମାଳୟ କୋଶୀ ଓ ଖୁଶାଳ ଇତ୍ୟାଦି କିନ୍ତୁ ଓଡିଶା ର ଜଳବାୟୁ ରେ ମାସ -୧, ହେଇବ୍ରିଡ଼ -୭୭ ଓ ଗୋମତୀ ଇତ୍ୟାଦି ଭଲ ଅମଳ କ୍ଷମ ହୋଇଥାଏ |

**ଚାରା ପ୍ରସ୍ତୁତି**

ପୋଦିନା ର ଚାଷ ଆମେ ଦୁଇ ପ୍ରକାର ବିଧିରେ କରିପାରିବା ପ୍ରଥମଟି  ଏହାର କାଣ୍ଡକୁ ସିଧାସଳଖ ଜମିରେ ରୋପଣ କରିବା ଓ ଦ୍ଵିତୀୟ ମାଧମଟି ହେଲା ନର୍ସରୀ ମାଧମରେ ଚାରା ପ୍ରସ୍ତୁତି କରି ମୁଖ୍ୟ କ୍ଷେତରେ ରୋପଣ କରିବା, କିନ୍ତୁ  ଦ୍ଵିତୀୟ ମାଧମଟି ପୋଦିନା ଚାଷ ନିମନ୍ତେ ଅଧିକ ଉତ୍ତମ | ଏକ ହେକଟର ଜମି ଚାଷ ନିମିତ୍ତ ୮୦୦ ବର୍ଗଫୁଟ ଜମି ନର୍ସରୀ ପ୍ରସ୍ତୁତି ନିମିତ୍ତ  ଆବଶ୍ୟକ | ଏଥିରେ ଆବଶ୍ୟକ ପରିମାଣର ଗୋବରଖତ ମିଶେଇ ବେଡ଼ ପ୍ରସ୍ତୁତ କରିବାକୁ ହେବ | ଏଥି ନିମିତ୍ତ ୪୫୦ ରୁ ୫୦୦ କିଲୋଗ୍ରାମ ପୋଦିନା ମୂଳ ଆବଶ୍ୟକ | ନର୍ସରୀ ପ୍ରସ୍ତୁତର ପ୍ରକୁଷ୍ଟ ସମୟ ଫେବୃଆରୀ ପ୍ରଥମ ସପ୍ତାହ ରୁ ମାର୍ଚ୍ଚ ଦ୍ଵିତୀୟ ସପ୍ତାହ |  ଚାରା ଗୁଡିକ ୪୦ ରୁ ୪୫ ଦିନର ହୋଇଗଲାପରେ ଏହା ମୁଖ୍ୟ କ୍ଷେତ ରେ ରୋପଣ ନିମିତ୍ତ ଯୋଗ୍ୟ ବିବେଚିତ ହୋଇଥାଏ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି**

ଚାଷ କରିବା ପୂର୍ବରୁ ମୁଖ୍ୟ କ୍ଷେତ ପ୍ରସ୍ତୁତି ନିତ୍ୟାନ୍ତ ଆବଶ୍ୟକ | ଗ୍ରୀଷ୍ମ ଋତୁରେ ୨-୩ ଓର ଭଲଭାବରେ ହଳକରିବା ସହିତ ଏଥିରେ ୨୫-୩୦ ଟନ ଶଢା ଗୋବର ଖତ ମିଶେଇ ଜମି ପ୍ରସ୍ତୁତି କରିବାକୁହେବ |

**ମୁଖ୍ୟ କ୍ଷେତରେ ଚାରା ରୋପଣ**

ଚାରା ରୋପଣ ମୁଖ୍ୟତ ଜୁନ ଦ୍ଵିତୀୟ ସପ୍ତାହରୁ ଜୁଲାଇ ଦ୍ଵିତୀୟ ସପ୍ତାହ ମଧରେ କରାଯାଇଥାଏ | ଚାରା ରୋପଣ ୬୦x୪୫ ସେ.ମି . ଅନ୍ତରରେ (ଧାଡ଼ିକିଧାଡି ୬୦ ସେ.ମି. ଚାରକୁ ଚାରା ୪୫ ସେ. ମି.) କରାଯାଇଇଥାଏ | ହେକ୍ଟର ପିଛା ୩୫୦୦୦ ରୁ ୩୬୦୦୦ ଚାରା ଆବଶ୍ୟକ ପଡିଥାଏ | ପ୍ରାୟ ୩୦ ଦିନ ପରେ ଚାରା ର ମୂଳକୁ ହୁଡ଼ା ଟେକା ଯାଇଥାଏ |

**ଜଳସେଚନ**

ପୋଦିନା ଚାଷ ନିମିତ୍ତ ଅଧିକ ଜଳସେଚନର ଆବଶ୍ୟକତା ପଡିଥାଏ ତେଣୁ କ୍ଷେତ ନିକଟରେ ଜଳସେଚନର ବ୍ୟବସ୍ଥା ଥିବା ନିତ୍ୟାନ୍ତ ଆବଶ୍ୟକ | ଖରାଦିନେ ପ୍ରତି ସପ୍ତାହ ଅନ୍ତରରେ ଏବଂ ବର୍ଷାଦିନେ ପ୍ରତି ଦୁଇ ସପ୍ତାହ ଅନ୍ତରରେ ଜଳସେଚନ କରାଯାଏ |

**ଘାସ ବାଛିବା**

ପ୍ରତି ୩୦ ଦିନରେ ଥରେ ଘାସ ଓ ଅନାବନା ଗଛ ଗୁଡିକ କ୍ଷେତରୁ ସଫାକରିବା ଦରକାର କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ମୁଖ୍ୟ ଫସଲ ଯେପରି ନଷ୍ଟ ନହୁଏ |

## ରୋଗ ପୋକ ନିରାକରଣ

ପୁଦିନାରେ ରୋଗପୋକ ସମସ୍ୟା ପ୍ରାୟ ଦେଖାଯାଇଥାଏ, ଏହାର ନିରାକରଣ ପୋଦିନା ର ବ୍ୟବହାର ଉପରେ ନିର୍ଭର କରେ, ଯଦି ଆମେ ଏହାକୁ ମସଲା ହିସାବରେ ବଜାରରେ ବିକ୍ରୟ କରିବାକୁ ଚାହୁଁଛନ୍ତି ତେବେ ଆମେ ଏହାର ରୋଗ ପୋକ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା | ଔଷଧୀୟ ବ୍ୟବହାର ପାଇଁ ବିକ୍ରୟ କରିବାକୁ ଚାହୁଁଥିଲେ ତେବେ ଆମେ ଜୈବିକ କୀଟନାଶକ ବ୍ୟବହାର କରିବା |

ରାସାୟନିକ କୀଟନାଶକ ଯଥା - Malathion କିମ୍ଵା Thiodan ପ୍ରତି ଏକ ଲିଟର ପାଣିରେ ୧.୭ ମି.ଲି. ମିଶେଇ ବ୍ୟବହାର କରାଯାଇଥାଏ କିନ୍ତୁ ଏହାକୁ ବ୍ୟବହାର କରିବା ପୂର୍ବରୁ କୃଷି ବିଶେଷଜ୍ଞ ଙ୍କର ପରାମର୍ଶ ନେବା ଦରକାର |

ଜୈବିକ କୀଟନାଶକ - ୧୦୦ ଲିଟର ପାଣିରେ ୫ଲିଟର ନିମ ତେଲ ୨୦୦ ଗ୍ରାମ ଡିଟରଜେଣ୍ଟ ମିଶେଇ ଘୋଳ ପ୍ରସ୍ତୁତ କରି ପ୍ରୟୋଗ କରାଯାଏ କିନ୍ତୁ ଏହାର ପ୍ରୟୋଗ ଟାଣ ଖରା ହେଉଥିବା ସମୟରେ ପ୍ରୟୋଗ କଲେ ଉତ୍ତମ ଫଳ ମିଳିଥାଏ |

## ଫସଲ ଅମଳ

ଚାରା ରୋପଣ ର ୧୨୦ ଦିନ ପରେ ଏହା ଅମଳ କ୍ଷମ ହୋଇଥାଏ | ପ୍ରଥମ ଅମଳ ର ପ୍ରତି ୭୦ ରୁ ୮୦ ଦିନ ମଧ୍ୟରେ ଏହାର ଅମଳ କରାଯାଇଥାଏ | ୩ ଥର ଅମଳ ପରେ ଏହା ଆଉ ଲାଭଜନକ ହୋଇ ନଥାଏ ତେଣୁ ଏହାର ଛେରା କୁ ନେଇ ଅନ୍ୟ କ୍ଷେତରେ ରୋପଣ କରିବା ଦରକାର |

- ଅମଳ ସମୟରେ କେତୋଟି ଜିନିଷ ଉପରେ ଧ୍ୟାନ ଦେବା ଦରକାର
- ଅମଳ କରିବା ଏକ ସପ୍ତାହ ପୂର୍ବରୁ କ୍ଷେତରେ ଜଳସେଚନ ବନ୍ଦ କରିବାଦରକାର
- ଫସଲ କାଟିବା ସମୟରେ ଯେପରି ଏହାର ମୂଳ ଉପୁଡିନଯାଏ ସେଥିପ୍ରତି ଧ୍ୟାନ ଦେବା ଦରକାର
- ଖରା ସମୟରେ ଏହାକୁ ଅମଳ କରିବା ଦରକାର ଯାହାଦ୍ଵାରା ଏହାର ଔଷଧୀୟ ଗୁଣ ଅଧିକ ରହିଥାଏ

## ଆୟ ବ୍ୟୟ ଅଟକଳ

୧. ହେକ୍ଟର ପିଛା ଖର୍ଚ୍ଚ

| କ୍ରମିକ ନମ୍ବର | ଖର୍ଚ୍ଚ ବିଶେଷ | ପରିମାଣ | ଟଙ୍କା ର ପରିମାଣ |
|---|---|---|---|
| ୧ | ପୋଦିନା କନ୍ଦା | ୪୫୦ କିଲୋଗ୍ରାମ | ୧୫,୭୫୦ |

| | | | |
|---|---|---|---|
| ୨ | ନର୍ସରୀ ପ୍ରସ୍ତୁତି | | ୩,୫୦୦ |
| ୩ | ମୁଖ୍ୟ କ୍ଷେତ ପ୍ରସ୍ତୁତି | | ୫,୨୫୦ |
| ୪ | ଗୋବର ଖତ | ୨୫ ଟନ | ୧୫,୫୦୦ |
| ୫ | ଚାରା ରୋପଣ | | ୬,୨୫୦ |
| ୬ | ଜଳସେଚନ | | ୩,୦୦୦ |
| ୭ | ଘାସ ବଛା | | ୩,୦୦୦ |
| ୮ | କୀଟନାଶକ | | ୫,୦୦୦ |
| ୯ | ଅମଳ | | ୭,୫୦୦ |
| | | **ମୋଟ** | **୬୪,୭୫୦** |

୨. ଆୟ

ପ୍ରତିଥର ଅମଳ ୬୩ କୁଇଣ୍ଟାଲ x ୩ ଥର = ୧୮୯ କୁଇଣ୍ଟାଲ @ ୭୫୦ ଟଙ୍କା = ୧,୪୧,୭୫୦ ଟଙ୍କା

## ଔଷଧୀୟ ବ୍ୟବହାର

ରୋଗ ପ୍ରତିରୋଧକ ନିମନ୍ତେ:

ଆୟୁର୍ବେଦ ମତ ଅନୁସାରେ ପୋଦିନା ବାତ ଦୋଷ କୁ ନିୟନ୍ତ୍ରଣ କରିଥାଏ, ଏଥିରେ ଅଧିକ ପରିମାଣରେ ଭିଟାମିନ -ଏ ଥିବାରୁ ଏହା ବିଭିନ୍ନ ରୋଗ ଯଥା - ଥଣ୍ଡା, କାଶ, ଅଜିର୍ଣ୍ଣ ଓ ଅମ୍ଳପିତ୍ତ ରୋଗର ପ୍ରତିରୋଧ କରିଥାଏ ।

ଚିକିତ୍ସା

ଅଜିର୍ଣ୍ଣ ଓ - ୬ ଚାମଚ ପୋଦିନା ରସ ସହିତ ୧ ଚାମଚ ମହୁ ମିଶାଇ ସେବନ କରିଲେ ଅଜିର୍ଣ୍ଣ,ଅମ୍ଳପିତ୍ତ ଓ ଅରୁଚି ଆଦି ରୋଗ ରେ ସୁଫଳ ମିଳିଥାଏ ।

ଅତିସାର ଓ ବାନ୍ତି - ପୋଦିନା ରସ ସହିତ ମିଶ୍ରି ମିଶାଇ ବାରମ୍ବାର ସେବନ କରିଲେ ଅତିସାର ଓ ବାନ୍ତି ଭଲହେବା ସହିତ ଶରୀର ରେ ଜଳୀୟାଂଶ ର ସମତା ରକ୍ଷ୍ୟା କରିଥାଏ ।

ପୋଡା ଘା - ପୋଦିନା କଳକ ପୋଡା ଘା ର ଲେପକରିଲେ କଷ୍ଟରୁ ଉପଶମ ମିଳିବ ସହିତ ଘା ଶୁଖିଯାଇଥାଏ ।

ଥଣ୍ଡା ରୋଗ -୨୦ ମି.ଲି. ପୋଦିନା ରସ ଦିନକୁ ୩ ଥର ସେବନ କରିଲେ ଥଣ୍ଡା ରୋଗ ଦୂର ହୋଇଥାଏ |